# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 May - 2024**

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୬ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରଠାରେ ଏକ ସାଧାରଣ ସଭାରେ ଯୋଗଦେବେ । ବିଜେପି ରାଜ୍ୟ ଉପସଭାପତି  ଗୋଲକ ମହାପାତ୍ରଙ୍କ ସୂଚନା ଅନୁସାରେ ଶ୍ରୀ ମୋଦୀ ନବରଙ୍ଗପୁରଠାରେ ବିଜୟ ସଂକଳ୍ପ ସମାବେଶରେ ମଧ୍ୟ ଯୋଗଦେବେ । ସୂଚନାଯୋଗ୍ୟ ଯେ ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ । ଏହି ପର୍ଯ୍ୟାୟରେ ୪ଟି ଲୋକସଭା ଏବଂ ଏହା ଅଧିନ ୨୮ଟି ବିଧାନସଭା ଆସନ ପାଇଁ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ ।

## ଭୋଟର ସଚେତନତା ବାର୍ତ୍ତା

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଚଳିତମାସ ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ । ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାର ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ 'ମତଦାନ ସଚେତନତା ବାର୍ତ୍ତାଯୁକ୍ତ ଓମ୍‌ଫେଡ୍‌ କ୍ଷୀର ପ୍ୟାକେଟ୍‌'ର ଉନ୍ମୋଚନ କରିଛନ୍ତି । ଏଥିରେ ଭୋଟର ସଚେତନତା ପାଇଁ ମଇ ୨୫

ତାରିଖରେ 'ମତଦାନ ପାଇଁ ଭୁଲନ୍ତୁ ନାହିଁ' ମୁଦ୍ରିତ କରାଯାଇଛି । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଓମ୍‌ଫେଡ୍ ବୁଥରେ ଏହି ସଚେତନତା ବାର୍ତ୍ତାଯୁକ୍ତ କ୍ଷୀର ପ୍ୟାକେଟ୍ ବିକ୍ରି ହେବ ଓ ଏହାଦ୍ୱାରା ସମଗ୍ର ଜିଲ୍ଲାରେ ଭୋଟର ସଚେତନତା ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ଧଳ କହିଛନ୍ତି ।

## ଜିଏସ୍‌ଟି ସଂଗ୍ରହ

ଦେଶରେ ଗତ ଏପ୍ରିଲ ମାସରେ ଦ୍ରବ୍ୟ ଓ ସେବା କର ଜିଏସ୍‌ଟି ସଂଗ୍ରହ ରେକର୍ଡ ପରିମାଣ ୨ ଲକ୍ଷ ୧୦ ହଜାର କୋଟି ଟଙ୍କା ହୋଇଛି। ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ବାର୍ଷିକ ଭିତ୍ତିରେ ଜିଏସ୍‌ଟି ସଂଗ୍ରହରେ ୧୨ ଦଶମିକ ୪ ପ୍ରତିଶତ ବୃଦ୍ଧି ଘଟିଛି।

ଓଡ଼ିଶାରେ ମଧ୍ୟ ଜିଏସ୍‌ଟି ସଂଗ୍ରହ ଗତ ଏପ୍ରିଲ୍ ମାସରେ ରେକର୍ଡ ପରିମାଣର ୫ ହଜାର ୯୦୨ କୋଟି ହୋଇଛି। ଗତବର୍ଷ ଏପ୍ରିଲ୍ ମାସରେ ଏହି ପରିମାଣ ୫ ହଜାର ୩୫ କୋଟି ଟଙ୍କା ରହିଥିଲା। ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ୧୭ ଦଶମିକ ୨/୧ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାପଡିଛି।

# ପଦ୍ମ ପୁରସ୍କାର ନାମାଙ୍କନ ଦାଖଲ

ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ୨୦୨୫ ପାଇଁ ଅନ୍‌ଲାଇନ୍ ଜରିଆରେ ଆବେଦନ ପତ୍ର ଦାଖଲ ଏବଂ ସୁପାରିଶ ପଠାଇବାର ପ୍ରକ୍ରିୟା ଗତକାଲିଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ସେପ୍ଟେମ୍ବର ମାସ ୧୫ ତାରିଖ ପର୍ଯ୍ୟନ୍ତ କରାଯାଇପାରିବ । ନାମାଙ୍କନ ଏବଂ ସୁପାରିଶ ପାଇଁ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଆବେଦନ କରାଯାଇପାରିବ ବୋଲି

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଥାଏ ।

## ସ୍ୱତନ୍ତ୍ର ପଦକ୍ଷେପ

ଗ୍ରୀଷ୍ମପ୍ରବାହ ଦୃଷ୍ଟିରେ ରଖି ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ମତଦାନ ସମୟରେ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଲାଗି ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁସାରେ, ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀମାନଙ୍କ ପ୍ରଶିକ୍ଷଣ କେନ୍ଦ୍ରରେ ଜଣେ ଡାକ୍ତର କିମ୍ବା ପାରାମେଡିକାଲ ଷ୍ଟାଫ୍ ଉପସ୍ଥିତ ରହିବେ । ସେହିଭଳି ମତଦାନ ସମୟରେ ପ୍ରତ୍ୟେକ ସେକ୍ଟର ଅଫିସରଙ୍କ ସହିତ ଜଣେ ପାରାମେଡିକାଲ ଷ୍ଟାଫ୍ ଆବଶ୍ୟକୀୟ ଔଷଧପତ୍ର ସହ ଉପସ୍ଥିତ ରହିବେ । ପ୍ରତ୍ୟେକ ବ୍ଲକ୍ କିମ୍ବା ଗ୍ରାମପଞ୍ଚାୟତ କ୍ଲଷ୍ଟରରେ ଗୋଟିଏ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଉପସ୍ଥିତ ରହିବ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଇନ୍ ସେବା

ବିନାମୂଲ୍ୟରେ ଗରିବ ଲୋକମାନଙ୍କୁ ଆଇନ୍‌ସେବା ଯୋଗାଇଦେବା ଲକ୍ଷ୍ୟରେ ଆସନ୍ତା ୧୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । କେନ୍ଦ୍ରାପଡା ଜିଲ୍ଲା କୋର୍ଟ ସମେତ ଆଳି, ରାଜନଗର ଏବଂ ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜରିଆରେ

ଲୋକମାନଙ୍କୁ ଆଇନ୍ ସହାୟତା ଯୋଗାଇ ଦିଆଯିବ । ରାଷ୍ଟ୍ରୀୟ ଲୋକ ଅଦାଲତରେ ଆଇନ୍ ସହାୟତା ପାଇବା ପାଇଁ ପଞ୍ଜିକରଣ କରିବା ଲାଗି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ କହିଛନ୍ତି ।

## ଅଣସଂରକ୍ଷିତ ଟିକେଟ୍

ରେଳଯାତ୍ରୀଙ୍କ ଟିକେଟ୍ ବୁକିଂକୁ ସରଳ ଓ ସୁବିଧା କରିବା ଲକ୍ଷ୍ୟ ନେଇ ରେଳବାଇ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରେଳଯାତ୍ରୀମାନେ ନିଜ ମୋବାଇଲ୍ ଆପ୍ ଜରିଆରେ ଅଣସଂରକ୍ଷିତ ଏବଂ ପ୍ଲାଟଫର୍ମ ଟିକେଟ୍ କିଣିପାରିବେ। ୟୁଟିଏସ୍ ଅନ୍ ମୋବାଇଲ୍ ଆପ୍‌କୁ ନିଜ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରି ନିଜ ନାମ ମୋବାଇଲ୍ ନମ୍ବର ସହ ଅନ୍ୟ ସୂଚନା ଦେବାକୁ ପଡିବ। ମୋବାଇଲ୍ ନମ୍ବର, ପାସ୍‌ୱାର୍ଡ୍ କିମ୍ବା ଓଟିପି ଦେଇ ଏଥିରେ ଲଗ୍‌ଇନ୍ କରି ପ୍ଲାଟ୍‌ଫର୍ମ ଟିକେଟ୍ କିଣାଯାଇ ପାରିବ। ପୂର୍ବରୁ ରେଳଯାତ୍ରୀମାନେ ୨୦ କିଲୋମିଟର ପର୍ଯ୍ୟନ୍ତ ମଧ୍ୟରେ ଏଭଳି ସୁବିଧା ପାଇପାରୁଥିଲେ।

## ଷ୍ଟାର୍ଟଅପ୍‌ର ଅଭିବୃଦ୍ଧି

ଘରୋଇ ବଜାରରେ ଷ୍ଟାର୍ଟଅପ୍ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଦେଶରେ ୨୦୧୪ ମସିହାରେ ପ୍ରାୟ ୩୫୦ ଷ୍ଟାର୍ଟଅପ୍ ୟୁନିଟ୍ ଥିଲାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩୦୦ ଗୁଣ ବୃଦ୍ଧି ପାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ବିଶ୍ୱସ୍ତରରେ ଭାରତ ଷ୍ଟାର୍ଟଅପ୍‌ରେ ୩ ନମ୍ବର ସ୍ଥାନ ନେଇ ଘରୋଇ ବଜାରରେ ବୃହତ୍ତମ ଇକୋ-ସିଷ୍ଟମ୍ ପାଲଟିଛି। ସେହିପରି ମହାକାଶ କ୍ଷେତ୍ରକୁ ଘରୋଇ ବଜାର ଖୋଲିବାର ୪ ବର୍ଷ ମଧ୍ୟରେ ସ୍ପେଶ୍ ଷ୍ଟାର୍ଟଅପ୍ ସଂଖ୍ୟା ୧ ଅଙ୍କରୁ ୩ ଅଙ୍କ ବୃଦ୍ଧି

ପାଇଛି। ଭାରତର ଅର୍ଥନୀତି ୧୧ତମ ସ୍ଥାନରୁ ପଞ୍ଚମ ବୃହତ୍ତମ ଅର୍ଥନୀତିକୁ ସ୍ଥାନୀତ କରିଛି। ୨୦୪୭ ମସିହା ସୁଦ୍ଧା ଦେଶ ୧ ନମ୍ବର ଅର୍ଥନୀତିରେ ପରିଣତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି।

## ପାଣିପାଗ

ରାଜ୍ୟରେ ଗତ ଏକସପ୍ତାହ ଧରି ଜାରି ରହିଥିବା ପ୍ରବଳ ଗ୍ରୀଷ୍ମପ୍ରବାହରେ ସାମାନ୍ୟ ଆଶ୍ୱସ୍ତି ମିଳିଛି । କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତକାଲି ଅପରାହ୍ଣରେ କାଳବୈଶାଖୀଜନିତ ବର୍ଷା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରଠାରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୫ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ହେବାର ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।